## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବଇଣ୍ଡା,(ଡି.ଏନ୍.ଏ.)- କିଶୋରନଗର ବ୍ଲକ ଝାମ୍ପୁଲି ଗ୍ରାମରେ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣରେ ସହି ଗ୍ରାମର ମିଞ୍ଜା ବେହେରା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ମିଞ୍ଜାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇ ଦିଆଯାଇଛି। ମିଞ୍ଜା ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇଥିବାବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ।

## ସଂକ୍ଷେପରେ

### ସାମାଜିକ ସମୀକ୍ଷା ବୈଠକ

ବଅଁରପାଳ,୯।୧୧(ଡି.ଏନ୍.ଏ.)- ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଦିକନ୍ଦ ସିଂହ ସାମନ୍ତ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ସଭ୍ୟାସଭ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ମୋ ସ୍କୁଲ ଅଭିଯାନ ମାଧମରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ତଥ୍ୟ ବୈଠକରେ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦାମୋଦର ଦାସ, ଅଶୋକ ସିଂହ, ଜଗନ୍ନାଥ ଦେହୁରୀ, ଗିରୀଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ରାଜ କିଶୋର ଦାସ, ଦାମୋଦର ଦାସ, ପରିଚାଳନା କମିଟି ସଭାପତି ଅନିଲ ବେହେରା, ସହକାରୀ ଶିକ୍ଷକ ଉପେନ୍ଦ୍ର ସାମଲ, ଶିକ୍ଷୟିତ୍ରୀ ବବିତା ସାହୁ, ବିନୋଦିନୀ ସାହୁ, ମନୋରମା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷୟିତ୍ରୀ ମନୋରମା ପଣ୍ଡା ଧନ୍ୟବାଦ ଦେଇଥିଲେ।

### କାର୍ଯ୍ୟାଳୟରେ ପଡ଼ିଲା ତାଲା

ବଅଁରପାଳ,୯।୧୧(ଡି.ଏନ୍.ଏ.)- ନାଲ୍କୋ ମଜଦୁର ସଂଘ କାର୍ଯ୍ୟାଳୟକୁ ମଙ୍ଗଳବାର ନାଲ୍କୋ ପ୍ରଶାସନ ପକ୍ଷରୁ ତାଲା ପକାଇ ଦିଆଯାଇଛି। ମାଜିଷ୍ଟ୍ରେଟ, ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ନାଲ୍କୋ ଥାନା ଅଧିକରୀ ବିନ୍ଦୁବାସିନୀ ବିଶ୍ୱାଳ, ସୁରକ୍ଷା କର୍ମଚାରୀମାନଙ୍କ ଉପସ୍ଥିତରେ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଥିଲେ। ସଂଘ କର୍ମକର୍ତ୍ତା ଚୟନକୁ ନେଇ ଦୀର୍ଘଦିନ ହେଲା ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏପରିକି କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏହାକୁ ନେଇ ନାଲ୍କୋ ପ୍ରଶାସନ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ତାଲା ପକାଯାଇଛି।

### ମହିଳା ସଶକ୍ତୀକରଣ କର୍ମଶାଳା

ଛେଣ୍ଡିପଦା,୯।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ମଙ୍ଗଳବାର 'ଦି ହଙ୍ଗର ପ୍ରୋଜେକ୍ଟ' ପକ୍ଷରୁ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାର ମହିଳା ସଶକ୍ତୀକରଣ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୫୦ରୁ ଅଧିକ ମହିଳା ପ୍ରତିନିଧି ଓ ମହିଳା ଅଧିକାର ସାମ୍ମୁଖ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ବ୍ଲକ ନିର୍ବାଚନ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁ ଯୋଗ ଦେଇଥିଲେ। ଥାନା ଏସ୍‌ଆଇ ସଂଘମିତ୍ରା ଶତପଥୀ ଯୋଗଦେଇ ନିର୍ବାଚନ ସମୟରେ ହିଂସାମୁକ୍ତ ଭୋଟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜେଣ୍ଡର କନସଲଟାଣ୍ଟ ସ୍ମିତାରାଣୀ ପଟ୍ଟନାୟକ ଯୋଗଦେଇ ଅଧିକ ଆସନରେ ମହିଳାମାନେ ପ୍ରାର୍ଥିତ୍ୱ ଦାଖଲ କରିବା ସହ ପ୍ରସ୍ତାବକ, ସମର୍ଥକ ଓ ପ୍ରଚାରକ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅଲିଭା ପଞ୍ଚାୟତର ରେଣୁବାଳା ସାହୁ, ସବିତା ପ୍ରଧାନ, ମାମିନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନା ମହାଖୁଡ, ବିଶ୍ୱଜିତ ପରିଚାଳନା କରିଥିଲେ।

### ବନ୍ଧୁକ ସହ ବାଇକ୍ ଜବତ, ବୃଦ୍ଧ ଅଟକ

ଆଠମଲ୍ଲିକ,୯।୧୧(ଡି.ଏନ୍.ଏ.)- ଆଠମଲ୍ଲିକ ବନ ବିଭାଗ କର୍ମଚାରୀ ହାତୀଧରା ସଂରକ୍ଷିତ ଜଙ୍ଗଲର ୪୪ ନମ୍ବର କମ୍ପାର୍ଟମେଣ୍ଟରେ ଚଢ଼ାଉ କରି ଜଣେ ବୃଦ୍ଧଙ୍କ ଠାରୁ ବନ୍ଧୁକ ଓ ବାଇକ୍ ଜବତ କରିଛନ୍ତି। ଏହି ଘଟଣାରେ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସେ ଜଙ୍ଗଲରେ ବନ୍ଧୁକ ଧରି ବାଇକ୍ ଯୋଗେ ବୁଲୁଥିବାବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଶିକାର କିମ୍ବା କାଠ ଚୋରି ଉଦ୍ଦେଶ୍ୟରେ ବୃଦ୍ଧ ଜଣକ ଜଙ୍ଗଲକୁ ଯାଇଥିଲେ କି ନାହିଁ ସେ ନେଇ ତଦନ୍ତ ଚାଲିଥିବା ଫରେଷ୍ଟର ଗୌରହରି ଦନ୍ତା ପ୍ରକାଶ କରିଛନ୍ତି।

### ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୯।୧୧- ଅନୁଗୋଳ ଜିଲାରୁ ମଙ୍ଗଳବାର କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଫଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୫୫ରେ ସ୍ଥିର ରହିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଚିକିତ୍ସାଧୀନ ଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରୁ କେହି ସୁସ୍ଥ ହୋଇନାହାନ୍ତି। ଜିଲାରେ ପୁଣି ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୩୯୭ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସଚେତନ ନାହାନ୍ତି ସହରବାସୀ

ଅନୁଗୋଳ ଅଫିସ, ୯।୧୧



- ■ବିଶୁଦ୍ଧ କହି ଯୋଗାଯାଉଛି ଅପରିଷ୍କାର ଜଳ
- ■ଖାଦ୍ୟ ନିରାପତ୍ତା ସାର୍ଟିଫିକେଟ୍ ନାହିଁ
- ■ଫ୍ୟାକ୍ଟ୍ରିରେ ଚଢ଼ାଉ, ଜରିମାନା ଆଦାୟ

ଅନୁଗୋଳ ସହରରେ ଘରୋଇ ସଂସ୍ଥା କରୁଛନ୍ତି ପାନୀୟ ଜଳ ବ୍ୟବସାୟ। ଲୋକଙ୍କୁ ବିଶୁଦ୍ଧ ପାଣି ବୋଲି କହି ନେଉଛନ୍ତି ଟଙ୍କା। ହେଲେ ଯୋଗାଯାଉଥିବା ଉକ୍ତ ପାଣି କେତେ ଶୁଦ୍ଧ ତାହା ଜାଣିପାରୁନାହାନ୍ତି ଗ୍ରାହକ। ପ୍ରଶାସନ ମଧ୍ୟ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ କେତୋଟି ଘରୋଇ ସଂସ୍ଥା ଦୂଷିତ ପାଣି ଯୋଗାଇ ଲୋକଙ୍କୁ ଠକି ଚାଲିଛନ୍ତି। ଗ୍ରାହକମାନେ ମଧ୍ୟ ଟଙ୍କା ଦେଇ ରୋଗ କିଣିବାରେ ଲାଗିଛନ୍ତି। ମଙ୍ଗଳବାର ୩ଟି ସଂସ୍ଥାର ଫ୍ୟାକ୍ଟ୍ରି ଉପରେ ଜନସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ ବେଳେ ଏପରି ତଥ୍ୟ ସାମ୍ନାକୁ ଆସିଛି।

ଅନୁଗୋଳସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବହୁ କଲୋନୀ ବାସିନ୍ଦାଙ୍କୁ ଘରୋଇ ସଂସ୍ଥାଗୁଡ଼ିକ ପକ୍ଷରୁ ଜାର୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଦୈନିକ ସକାଳୁ ସମ୍ପୃକ୍ତ ବ୍ୟବସାୟୀମାନେ ଗାଡ଼ି ଯୋଗେ ପାଣି ଜାରଗୁଡ଼ିକ ପହଞ୍ଚାଇ ଦେଉଛନ୍ତି। ବିଶୁଦ୍ଧ ଜଳ ଭାବି ଲୋକେ ଉଚିତ୍ ଦାମ ମଧ୍ୟ ବ୍ୟବସାୟୀଙ୍କୁ ପ୍ରଦାନ କରୁଛନ୍ତି। କିନ୍ତୁ ବାସ୍ତବରେ କେତୋଟି ସଂସ୍ଥା ଏ ନେଇ ଥିବା ସରକାରୀ ନିୟମ ପାଳନ କରୁନାହାନ୍ତି। ଏପରି ଅଭିଯୋଗ ଆସିବା ପରେ ସହରର ୩ଟି ପାନୀୟ ଜଳ ଯୋଗାଣ ସଂସ୍ଥାର ଫ୍ୟାକ୍ଟ୍ରି ଉପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ସହ ଫିଲଟର ସଫା ନ ହେବା, ଜାରଗୁଡ଼ିକୁ ଭଲଭାବେ ପରିଷ୍କାର କରାଯାଉ ନ ଥିବା ଏପରି କି କାଦୁଅରେ ଡବାଗୁଡ଼ିକୁ ରଖି ପାଣି ଭର୍ତ୍ତି କରାଯାଉଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ତେବେ ଚଢ଼ାଉ ସମୟରେ ଏକ ଫ୍ୟାକ୍ଟ୍ରି ମାଲିକ ନାଲି ଆଖି ଦେଖାଇଥିବା ଚର୍ଚ୍ଚା ହେଉଛି। ଅନ୍ୟ ଦୁଇଟି ସ୍ଥାନରୁ ଜନସ୍ୱାସ୍ଥ୍ୟ ବିଭାଗ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଉକ୍ତ ଘରୋଇ ସଂସ୍ଥାଗୁଡ଼ିକୁ ତୁରନ୍ତ ଖାଦ୍ୟ ନିରାପତ୍ତା ସାର୍ଟିଫିକେଟ୍ ଆବେଦନ କରିବାକୁ କୁହାଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ପୋଲିସ ଚଢ଼ାଉ କରିଥିଲେ।

### ଲୋକେ ରୋଗର ଶିକାର ହେବେ



ଅନୁଗୋଳ ସହରରେ ପାଣି ବ୍ୟବସାୟ କରୁଥିବା କେତୋଟି ଘରୋଇ ସଂସ୍ଥା ତାହାର ଫ୍ୟାକ୍ଟ୍ରିଗୁଡ଼ିକୁ ଭଲଭାବେ ସାନିଟାଇଜ୍ କରୁନାହାନ୍ତି। ଏ ନେଇ ଥିବା ସରକାରୀ ନିୟମ ପାଳନ କରାଯାଉ ନ ଥିବାରୁ ଲୋକେ ବିଶୁଦ୍ଧ ସ୍ଥାନରେ ଦୂଷିତ ପାଣି ପିଉଛନ୍ତି। ଫଳରେ ସେମାନେ ନାନା ରୋଗର ଶିକାର ହେବେ।

-ଡାକ୍ତର ଧନଞ୍ଜୟ ବେହେରା, ଜନସ୍ୱାସ୍ଥ୍ୟ ଅଧିକାରୀ

### ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ



ପାନୀୟ ଜଳ ଫ୍ୟାକ୍ଟ୍ରିଗୁଡ଼ିକର ପରିବେଶ ଅସ୍ୱାସ୍ଥ୍ୟକର। କେତେଜଣ ବ୍ୟବସାୟୀଙ୍କ ନିକଟରେ ଲାଇସେନ୍ସ ମଧ୍ୟ ନାହିଁ। ଏ ନେଇ ପୂର୍ବରୁ ବହୁବାର ତାଗିଦ୍ ଓ ଜରିମାନା କରାଯାଇଛି। ଆସନ୍ତା ୭ ଦିନ ସମୟ ଦିଆଯାଇଛି। ସେମାନେ ନ ସୁଧୁରିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ହରପ୍ରିୟା ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ

### ପ୍ରଶାସନର ଢିଲା ମନୋଭାବ



ପ୍ରଶାସନର ଢିଲା ପଣ ଯୋଗୁ ବ୍ୟବସାୟୀମାନେ ଆଇନକୁ ପାଳନ କରୁନାହାନ୍ତି। ଫଳରେ ସେମାନେ ଲାଭାନ୍ୱିତ ହେଉଥିବାବେଳେ ସହରବାସୀ ଟଙ୍କା ଦେଇ ଦୂଷିତ ପାଣି ପିଉଛନ୍ତି। ଏପରି ଲାଭଖୋର ବ୍ୟବସାୟୀଙ୍କବିରୋଧରେକଠୋରକାର୍ଯ୍ୟାନୁଷ୍ଠାନହେବାଅତ୍ୟନ୍ତଆବଶ୍ୟକ।

-ପ୍ରତାପ ମହାପାତ୍ର, ଅନୁଗୋଳବାସୀ

# ଏସ୍‌ଏଚ୍‌ଜି ଉଦ୍ୟମକୁ ପ୍ରଶଂସା




ଅତିଥିମାନେ ଏକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ ଅଫିସ, ୯।୧୧

**ଅନୁଗୋଳରେ ଏସ୍‌ବିଆଇର ସମନ୍ୱୟ ମେଳା**

ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାକକ୍ଷରେ ମଙ୍ଗଳବାର ଅନୁଗୋଳ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ବିଶାଳ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରିଷ୍ଣାନ ଦେଶର ପ୍ରଗତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସାମାଜିକ ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତା ଦିଗରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣ ଦେଇ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରମୋଦ କୁମାର ପ୍ରଧାନ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନରେ ଏସ୍‌ବିଆଇ ସବୁବେଳେ ଆଗୁଆ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଏସ୍‌ଏଚ୍‌ଜିମାନଙ୍କୁ ୯୫୧ କୋଟି ଟଙ୍କା ଋଣ ଦିଆଯାଇ ସାରିଲାଣି। ଆସନ୍ତା ସପ୍ତାହରେ ତାହା ୧୦୦୦ କୋଟି ଟଙ୍କାରେ ପହଞ୍ଚିଯିବ। ଉପ ମହାପ୍ରବନ୍ଧକ ସୁନୀଲ ଖଏରନାର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀମାନଙ୍କୁ ୪.୩୬ କୋଟି ଟଙ୍କା ଋଣ ଦିଆଯାଇଥିବାବେଳେ ୧୦ କୋଟି ଟଙ୍କା ଋଣ ନବୀକରଣ କରାଯାଇଥିବା ପ୍ରକାଶ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ଉପ ମହାପ୍ରବନ୍ଧକ ଧ୍ରୁବ ଚରଣ ବଳ ଏବଂ କାର୍ତ୍ତିକ ଆୟାର ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ବ୍ୟାଙ୍କ ମିତ୍ର, ପ୍ରୋଜେକ୍ଟ ମ୍ୟାନେଜର ଏବଂ କୋଡ଼ିଏ ଜଣ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମୁଖ୍ୟ ଅତିଥି ବାଜିରାଉତ ଛାତ୍ରାବାସକୁ ଆକ୍ୱାଗାର୍ଡ ଏବଂ ସୋଲାର ପ୍ୟାନେଲ ପ୍ରଦାନ କରିଥିଲେ। ସାମାଜିକ କର୍ମୀ କୃଷ୍ଣା ମହାନ୍ତି ଅନୁଷ୍ଠାନ ପକ୍ଷରୁ ଏସବୁ ସାମଗ୍ରୀ ଗ୍ରହଣ କରିଥିଲେ।

# ରାସ୍ତା ନିର୍ମାଣର ଭୂମିପୂଜା

ବଇଣ୍ଡା,୯।୧୧(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଅଞ୍ଚଳର ୧୭ କିଲୋମିଟର ମାଟି ରାସ୍ତାକୁ ପିଚୁ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମଇମୁରା ପଞ୍ଚାୟତ ପିତାଳୀବାହାଳରୁ ଭାୟା ତରଣ୍ଡା ଦେଇ ବିପ୍ରଡିହ ୧୦ କିଲୋମିଟର ଓ ମଇମୁରାଠାରୁ ସୋମନାଥପୁର ୭ କିଲୋମିଟର ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଭୂମିପୂଜା କରାଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଯୋଗଦେଇ ଏହି କାର୍ଯ୍ୟର ଶୁଭ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ନେତା ଭାଗୀରଥି ପ୍ରଧାନ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ପ୍ରଧାନ, ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ, ଅଜିତ ପ୍ରଧାନ, ପରେଶ ଦେଓ, ପ୍ରଦୀପ ପ୍ରଧାନ, ଧ୍ରୁବଚରଣ ସାହୁ, ଅବନୀ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।



ଭୂମି ପୂଜା ଅବସରରେ ଏମ୍‌ପିଙ୍କ ସହ ଅନ୍ୟମାନେ।

# ଉଚ୍ଛେଦ ଦାବିରେ ଆନ୍ଦୋଳନ




ମା' ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ କ୍ଷତିଗ୍ରସ୍ତମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବଇଣ୍ଡା,୯।୧୧(ଡି.ଏନ୍.ଏ.)

କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଠାରେ ହୋଇଥିବା କୋଇଲା ଡିପୋକୁ ଉଚ୍ଛେଦ କରାଯିବା ଦାବିରେ ମଙ୍ଗଳବାର ମା' ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ହଣ୍ଡପା ଷ୍ଟେଶନ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। କମିଟି ସଭାପତି ପ୍ରଦୀପ ବେହେରାଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ପ୍ରଜାମାନେ ଶୋଭାଯାତ୍ରାରେ ଆସି ଷ୍ଟେଶନ ସମ୍ମୁଖରେ ପହଞ୍ଚିଥିଲେ। ଏହି ଆନ୍ଦୋଳନରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ସାମିଲ ହେବା ସହ ଡିପୋ ନିର୍ମାଣ ଯୋଗୁ ସ୍ଥାନୀୟ ଅଞ୍ଚଳ ଅଧିକ ପ୍ରଦୂଷିତ ହେବ ବୋଲି କହିଥିଲେ। ସେହିପରି ସଂଘ ପକ୍ଷରୁ କୁହାଯାଇଛି, କୋଇଲା ଡିପୋ କାରଣରୁ ବଣିନାଳୀ, ଡେବେରାପାଲି, ଗୁଣ୍ଡୁରୀମୁଣ୍ଡା, ପାପସରା, ହଣ୍ଡପା, ବଇସିଣା ଗ୍ରାମର ଚାଷଜମି କ୍ଷତିଗ୍ରସ୍ତ ହେବ। ଖୋଲା କୂଅର ପିଇବା ପାଣି ଦୂଷିତ ହୋଇଯିବ। ତୁରନ୍ତ ଡିପୋ ସ୍ଥାନାନ୍ତର କରା ନ ଗଲେ ବଡଧରଣର ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ ସିପୁନ ପରିଡା, ବିଶ୍ୱରଞ୍ଜନ ପ୍ରଧାନ, ମହେଶ୍ୱର ଛତ୍ରିଆ, ଅଜୟ ପ୍ରଧାନ, ଯଜ୍ଞେଶ୍ୱର ପ୍ରଧାନ, ବିଶେଶ୍ୱର ବିଶ୍ୱାଳ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶା ବନ୍ଦ ପାଇଁ ପ୍ରସ୍ତୁତି

ଅନୁଗୋଳ ଅଫିସ, ୯।୧୧

ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ, ଦୋଷୀଙ୍କୁ କଠୋର ଦଣ୍ଡ ଓ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଆଗାମୀ ୧୨ ତାରିଖରେ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୂଆ ପଦବୀ ପାଇଥିବାରୁ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ରୂପାଦୀପ୍ତା ମହାପାତ୍ର, ସାଧାରଣ ସମ୍ପାଦିକା ଏଲ. ମଣିକ ପ୍ରଭା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ ଓ ନଗର ସଭାନେତ୍ରୀ କଣିଦା ବିବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। କଂଗ୍ରେସ ଉପସଭାପତି ଚିତ୍ତ ରଞ୍ଜନ ନାଏକ, ତପନ ପ୍ରଧାନ, ବିରଞ୍ଚି ନାରାୟଣ ଧର, ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଜୟନ୍ତ ସାହୁଙ୍କ ସହ ବହୁ ଯୁବ, ଛାତ୍ର, ମହିଳା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୌର ନିର୍ବାଚନ: ସଂରକ୍ଷଣ ଚିଠା ତାଲିକା ପ୍ରକାଶ

ଅନୁଗୋଳ ଅଫିସ, ୯।୧୧

ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଅନୁଗୋଳ ପୌରପାଳିକାର ୱାର୍ଡ ବିଭାଜନ ସାଙ୍ଗକୁ ଆସନ ସଂରକ୍ଷଣ ଚିଠା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ପ୍ରକାଶିତ ଚିଠା ତାଲିକା ଅନୁଯାୟୀ ୭ଟି ୱାର୍ଡକୁ ଅଣସଂରକ୍ଷିତ ରଖାଯାଇଛି। ସେହିପରି ୬ଟି ଆସନ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୩ଟି ପଛୁଆବର୍ଗ ଓ ୩ଟି ପଛୁଆ ବର୍ଗ ମହିଳାଙ୍କ ପାଇଁ ରଖାଯାଇଛି। ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଥିବା ଜଣାପଡ଼ିଛି। ପୌରପାଳିକାର ୧ ନମ୍ବର ୱାର୍ଡ ପଛୁଆବର୍ଗ ମହିଳା, ୨ ନମ୍ବର ଓ ୪ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୫ ନମ୍ବର ଓ ୭ ନମ୍ବର ୱାର୍ଡରେ ପଛୁଆବର୍ଗ, ୮ ନମ୍ବର ୱାର୍ଡ ପଛୁଆ ବର୍ଗ ମହିଳା, ୯ ନମ୍ବର ୱାର୍ଡ ପଛୁଆବର୍ଗ, ୧୦ ନମ୍ବର ୱାର୍ଡ ମହିଳା, ୧୨ ନମ୍ବର ୱାର୍ଡ ପଛୁଆବର୍ଗ ମହିଳା, ୧୫ ନମ୍ବର ଅନୁସୂଚିତ ଜାତି ମହିଳା, ୧୭ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୧୮ ନମ୍ବର ୱାର୍ଡ ଅନୁସୂଚିତ ଜାତି, ୨୦ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା, ୨୧, ୨୨ ଓ ୨୩ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ତାଲିକାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ୧୦ ଦିନ ମଧ୍ୟରେ ଅଭିଯୋଗପତ୍ର ଗ୍ରହଣ କରାଯିବ। ପରେ ଏଥିନେଇ ଶୁଣାଣି କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

# ନାଲ୍କୋ ରେଳପଥରେ ଅର୍ଥନୈତିକ ଅବରୋଧ

ବଅଁରପାଳ,୯।୧୧(ଡି.ଏନ୍.ଏ.)

ନାଲ୍କୋରେ କାର୍ଯ୍ୟରତ ଏଲ୍‌ଏପି (ଆଇଟିଆଇ) କ୍ଷତିଗ୍ରସ୍ତ ପ୍ରଜା ସଂଘ ତରଫରୁ ମଙ୍ଗଳବାର ତାଳଚେରସ୍ଥିତ ବିକ୍ରମପୁର ଥାନା ଗୋବରା ଦିଅଗାଡ଼ିଆ ଏବଂ ବଅଁରପାଳ ଥାନା ଗୋତମରାଠାରେ ଅର୍ଥନୈତିକ ଅବରୋଧ କରାଯାଇଥିଲା। ସଂଘ ପକ୍ଷରୁ ଅଭିଯୋଗ ମୁତାବକ, ଦୀର୍ଘ ୧୪ ବର୍ଷ ହେବ ସମସ୍ୟା ସମାଧାନ ନିମନ୍ତେ ଦାବି କରାଯାଇ ଆସୁଛି। ହେଲେ ନାଲ୍କୋ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ରେଳ ଧାରଣାରେ ଅର୍ଥନୈତିକ ଅବରୋଧ ହୋଇଥିଲା। ନାଲ୍କୋ ପ୍ରଶାସନ ୭ ଦିନ ମଧ୍ୟରେ ଦାବି ପୂରଣ ପ୍ରତିଶ୍ରୁତି ଦେବା ପରେ ଧାରଣ ସ୍ଥଗିତ ରହିଥିବା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସାମଲ, ସଭାପତି ଦିବ୍ୟ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

# ଉପଜିଲାପାଳଙ୍କୁ ଫେରାଦ



ପ୍ରଶାସନ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଆଠମଲ୍ଲିକ,୯।୧୧(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ଦୁଧିଆନାଳି ଗ୍ରାମରେ ଚଢ଼ାଉ ବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଗତ ଶନିବାର ସକାଳେ ସାଙ୍ଗରେ ଆଣିଥିବା ଦେଶୀ ମଦ ଜାର ଓ ବୋତଲ ଆଣି ଗାଁରେ ଫିଙ୍ଗିବା ପରେ କେତେଜଣଙ୍କ ଘରେ ପଶି ଭଙ୍ଗାରୁଜା କରିଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଧର୍ମେନ୍ଦ୍ର ବେହେରା, କୁମାରୀ ମାଝି, ମଞ୍ଜରୀ ମୁଣ୍ଡା, ରଶ୍ମିତା ମୁଣ୍ଡା, ମୁନୀ ମୁଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

# ରାଜା କିଶୋର ଚନ୍ଦ୍ରଙ୍କ ସ୍ମୃତିଚାରଣ

ମାଧପୁର,୯।୧୧

ଆଠମଲ୍ଲିକ ରାଜା କିଶୋର ଚନ୍ଦ୍ର ଦେଓଙ୍କ ରାଜତ୍ୱ ସମୟରେ ଗଡ଼ଜାତରେ କୃଷି ଓ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିଲା ବୋଲି ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଯୁବରାଜ ପରେଶ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ସାହୁ ଯୋଗଦେଇ ରାଜାଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗବେଷକ ଅକ୍ଷୟ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ



ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଆଠମଲ୍ଲିକ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଚିନ୍ତାମଣି ପଧାନ ଓ ରମେଶ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ରାଜା କିଶୋର ଚନ୍ଦ୍ର ଦେଓ ସ୍ମୃତି ପରିଷଦ ସମ୍ପାଦକ ଆଭାଷ କୁମାର କ୍ଷେତି ପରିଚାଳନା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

କଣିହାଁ,୯।୧୧(ଡି.ଏନ୍.ଏ.)

ଅନୁଗୋଳ ଜିଲାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଗୁଡିକରେ ଲାଗି ରହିଥିବା ସମସ୍ୟାର ସମାଧାନ ଦାବିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ସହିତ ଅଧିକ ସେକ୍ସନ ଖୋଲିବା ପାଇଁ ଏଥିରେ ଦାବି କରାଯାଇଛି। ବିଶେଷକରି ଏନ୍‌ଟିପିସି କଣିହାଁ କେନ୍ଦ୍ରୀୟ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ରହୁଛି। ଠିକା କର୍ମଚାରୀଙ୍କ ପିଲା ଆଡମିଶନରୁ ବଞ୍ଚିତ ହେଉଥିବା କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ଭାଗୀରଥି ପ୍ରଧାନ, ଅଗସ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ବିଦ୍ୟାଳୟ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମୁକ୍ତା ଯୋଜନାରେ ୬ କୋଟି ମଗାଗଲା

ଅନୁଗୋଳ ଅଫିସ, ୯।୧୧

ମୁକ୍ତା ଯୋଜନା ଅଧୀନରେ ଅନୁଗୋଳ ପୌରପାଳିକାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୬ କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ମଙ୍ଗଳବାର ଭିଡିଓ କନଫରେନ୍ସ ଯୋଗେ ଅନୁଷ୍ଠିତ ଏ ସମ୍ପର୍କିତ ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଅନୁରୋଧ କରାଯାଇଛି। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୌରପାଳିକା ଅଧିକାରୀ ଗିରିଜା ମଲ୍ଲିକ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଯୁବ ନେତା ଅରୁଣାଭ ସିଂହ, ବୃନ୍ଦାବନ ସ୍ୱାଇଁ, ସତ୍ୟାନନ୍ଦ ଦଳବେହେରା, ରଞ୍ଜିତ ମାଣ୍ଡୋଠିଆ, ସୁନୀଲ ସାହୁ, ମାଳିନୀ ସର, ଉଲ୍ଲାସ ସାହୁ, ଅଜିତ ଦ୍ୱିବେଦୀ, ସୁଜିତ ଦ୍ୱିବେଦୀ, ସରୋଜ ନାଏକ, ଭେଙ୍କଟ ବରଗୋଡ଼ିଆ, ବିଶ୍ୱ ରଞ୍ଜନ ସାହୁ, ତାପସ ନାୟକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁମୋଦନ ପାଇଁ ପଠା ଯାଇଥିବା ପ୍ରକଳ୍ପ ଗୁଡିକୁ ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ ବୋଲି ୫-ଟି ସଚିବ ପାଣ୍ଡିଆନ ଅବଗତ କରିଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

# ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୯।୧୧(ଡି.ଏନ୍.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ଗ୍ରାମରେ ମଙ୍ଗଳବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ସେହି ଗ୍ରାମର ମନରଞ୍ଜନ ବେହେରା, ନାରାୟଣ ବେହେରାଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧିକାରୀ ବଳବୀର ଗଡନାୟକଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ଜଣେ ଚିହ୍ନଟ, ୫ ସୁସ୍ଥ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରେ ମଙ୍ଗଳବାର ମୋଟ ୧୭୦୯ ସ୍ୱାବ୍ ପରୀକ୍ଷଣ କରାଯାଇଥିବାବେଳେ ହିନ୍ଦୋଳ ବ୍ଲକରୁ କେବଳ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହିତ ୫ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ଏବେ ୨୩ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**କାମାକ୍ଷାନଗର, ୯।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜଜ୍‌ଙ୍କ ଅଦାଲତରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଦୌରାଜଜ୍ ସତ୍ୟନାରାୟଣ ପାତ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ କବି ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୨ ନଭେମ୍ବର ୨୭ରେ ପରଜଙ୍ଗ ଗ୍ରାମର ସୁବାସ ନାଏକ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶ୍ୱଶୁର କବି ନାଏକ, ଶଳା ବିଜୁ ନାଏକ, ସାନ ଶ୍ୱଶୁର ଶରତ ନାଏକ ତାଙ୍କ ମା’ ବସନ୍ତ ନାଏକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ସେ ଏଥିରେ ଦର୍ଶାଇଥିଲେ। ଏ ନେଇ ନଂ. ୨୨୬/୧୨, ଦଫା ୩୦୨ ଓ ୩୪ରେ କବି, ବିଜୁ, ଶରତଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ବିଜୁ, ଶରତ ଫେରାର ଥିବାବେଳେ କବିଙ୍କୁ ପୋଲିସ ଗିରଫ କରି କାମାକ୍ଷାନଗର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରଖିଥିଲା।

### ଅଭିଯୁକ୍ତଙ୍କୁ ଗିରଫ ଦାବି

**ଗଁଦିଆ, ୯।୧୧:** ଢେଙ୍କାନାଳ ଜିଲା ଯୋରନ୍ଦା ମେଡିକାଲ ଛକରେ ଥିବା ସାହୁ ଭେରାଇଟି ଷ୍ଟୋରରେ ଗତ ଶନିବାର ଅଗ୍ନିକାଣ୍ଡ ଘଟି ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏଥିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସମେତ ନଗଦ ୪ ଲକ୍ଷ ୧୧ ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଥିଲା। ଏ ନେଇ ଦୋକାନ ମାଲିକ ନାରାୟଣ ସାହୁ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଯୋରନ୍ଦା ବଣିକ ସଂଘ ଫାଣ୍ଡି ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପଙ୍କଜ ମାଝି ପ୍ରତିଶ୍ରୁତି ଦେଇଛନ୍ତି।

### ଆଇନସେବା ଦିବସ

**ଢେଙ୍କାନାଳ ଅଫିସ, ୯।୧୧:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଭର୍ଚୁଆଲ ମୋଡ୍‌ରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି। ସଚିବ ସୁକାନ୍ତ କିଶୋର ଜେନା ଆଇନସେବା ପ୍ରାଧିକରଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅସହାୟଙ୍କୁ କିଭଳି ନିଃଶୁଳ୍କ ଆଇନସେବା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ।

### ଯୁବଜ୍ୟୋତି କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୯।୧୧:** ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍ ପରିସରରେ ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଚନ୍ଦ୍ରଶେଖର ଫୁଟବଲ କ୍ଲବକୁ ୩-୦ ଗୋଲରେ ପରାସ୍ତ କରିଛି କଙ୍କଡ଼ାହାଡ଼ ଢୋଲପଶିର ମା’ ତାରିଣୀ ଯୁବଜ୍ୟୋତି ଫୁଟ୍‌ବଲ କ୍ଲବ। ଦେବରାଜ ସ୍ୱାଇଁ, ଅନିଲ ନନ୍ଦ, ପର୍ଶୁରାମ ମିଶ୍ର, ସନ୍ତୋଷ କାନୁନ୍‌ଗୋ, ଅଭିଜିତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିବାବେଳେ ଶତ୍ରୁଘ୍ନ ମାଟି, ସରୋଜ ପାଢ଼ୀ ଧାରା ବିବରଣୀ ଦେଇଥିଲେ। ବିଧାୟକ ସୁଧୀର କୁମାର ସାମଲ ଅତିଥିଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ସଂଘର ନଳିନୀ ଦାସ, ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଦୁଇ ଦଳର ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।

### କ୍ରିକେଟ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ, ୯।୧୧:** ଢେଙ୍କାନାଳ ଜିଲାସ୍ତରୀୟ ବରିଷ୍ଠ ଏବଂ ୧୯ବର୍ଷରୁ କମ୍ ବର୍ଗ ଲାଗି କ୍ରିକେଟ ପ୍ରତିଯୋଗିତା ନଭେମ୍ବର ତୃତୀୟ ସପ୍ତାହରେ ଆରମ୍ଭ ହେବ। ଏଥିଲାଗି ଖେଳାଳି ଚୟନ କରାଯିବ। ଆଶାୟୀମାନେ ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ କିମ୍ବା ବୈଧ ପରିଚୟପତ୍ର, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ୧୫ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଦାଖଲ କରିପାରିବେ ବୋଲି ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

# ସାମର୍ଥ୍ୟ ବଳରେ ସଫଳ


ଶଶିଭୂଷଣ ପରିଡ଼ା।

ଗାଁରେ ଭୂତାଣୁ ପଶିଲା। ଆଉ ସେଇଠି ଅଟକିଗଲା ଜୀବନ। ବନ୍ଦ ହୋଇଗଲା ଜୀବିକାର ବାଟ। ସାଇତା ଟଙ୍କା ସରିଯିବା ପରେ ଟଳମଳ ହୋଇଗଲା ଆର୍ଥିକ ଅବସ୍ଥା। ଏଭଳି କଠୋର ସମୟରେ ହାର୍ ମାନିବା ପରିବର୍ତ୍ତେ ନିଜର ସାମର୍ଥ୍ୟ ବଳରେ ଅନେକେ ଖୋଜିପାରିଛନ୍ତି ଆତ୍ମନିର୍ଭର ହେବାର ବାଟ । ଦୃଢ଼ ଇଚ୍ଛାଶକ୍ତିକୁ ପୁଞ୍ଜି କରି ଛିଡ଼ା ହୋଇପାରିଛନ୍ତି ନିଜ ଗୋଡ଼ରେ ଏବଂ ସାଜିଛନ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା। ଢେଙ୍କାନାଳ ଜିଲାର ଯୁବ ମତ୍ସ୍ୟଚାଷୀ ଶଶିଭୂଷଣ ପରିଡ଼ା ସେମାନଙ୍କ ମଧ୍ୟରୁ ଜଣେ।

**ଢେଙ୍କାନାଳ ଅଫିସ, ୯।୧୧**

- ■ମାଛଚାଷ କରି ସ୍ୱାବଲମ୍ବୀ ଶଶିଭୂଷଣ
- ■୧୫ ଦିନରେ ହେଉଛି ୩ କୁଇଣ୍ଟାଲ ଉତ୍ପାଦନ
- ■୧୦ ଯୁବକଙ୍କୁ ଦେଇଛନ୍ତି ରୋଜଗାର

କରୋନା ନେଇଛି ଜୀବନ। ଉଜାଡ଼ି ଦେଇଛି ଜୀବିକା। ଗାଁଠୁ ସହର ଯାଏ ଊଣା ଅଧିକେ ପ୍ରଭାବିତ ହୋଇଛନ୍ତି ସଭିଏଁ। ହେଲେ ମହାମାରୀ ସମୟରେ ନିଜେ କିଛି କରିଦେଖାଇବାର ଝୁଙ୍କ୍ ହିଁ ଶଶୀଭୂଷଣ ପରିଡ଼ାଙ୍କୁ ସଫଳତା ଆଡ଼କୁ ବାଟ କଢ଼ାଇଛି। ୩୨ ବର୍ଷୀୟ ଏହି ଯୁବକଙ୍କ ଘର ଗଁଦିଆ ବ୍ଲକ ନେଉଳପୋଇ ପଞ୍ଚାୟତ ବିରିଖୁଣ୍ଟି ଗ୍ରାମରେ। ୨୦୨୦ରେ କରୋନାର ତାଣ୍ଡବ ଭିତରେ ତାଙ୍କୁ ମିଳିଥିଲା ମତ୍ସ୍ୟଚାଷ କରିବାର ପ୍ରେରଣା। ସରକାରୀ ପ୍ରୋତ୍ସାହନ ଏବଂ ବ୍ୟକ୍ତିଗତ ପୁଞ୍ଜିରେ ୧୦ ଏକର ଜମିରେ ୫ ପୋଖରୀ ଖୋଳି ସେ ଆରମ୍ଭ କରିଥିଲେ ମାଛଚାଷ। ମାତ୍ର ବର୍ଷକ ଭିତରେ ସେ ପାଲଟି ଯାଇଛନ୍ତି ଜଣେ ପୋଖତ ମାଛଚାଷୀ। ଏବେ ପୋଖରୀରୁ ପ୍ରତି ୧୫ ଦିନରେ ୩ କୁଇଣ୍ଟାଲ ଯାଏ ମାଛ ଉତ୍ପାଦନ ହେଉଛି। କେବଳ ଏତିକି ନୁହେଁ, ଆଖପାଖ ଗ୍ରାମର ୧୦ ଯୁବକ ମଧ୍ୟ ରୋଜଗାରକ୍ଷମ ହୋଇପାରିଛନ୍ତି।

ଢେଙ୍କାନାଳ-ଯୋରନ୍ଦା ରାସ୍ତା ପାର୍ଶ୍ୱ ବିରିଖୁଣ୍ଟି ଗ୍ରାମରେ ରହିଛି ଶଶିଭୂଷଣଙ୍କ ୫ଟି ଫିଶ୍ ପଣ୍ଡ। ସରକାରଙ୍କ ମତ୍ସ୍ୟ ପୋଖରୀ ଯୋଜନାରେ ୧୫ ଲକ୍ଷ ୫୦ ଟଙ୍କା ବ୍ୟୟରେ ଏସବୁ କ୍ଷୁଦ୍ର ଜଳାଶୟ ଖନନ କରାଯାଇଛି। ସବ୍‌ସିଡି ବାବଦରେ ତାଙ୍କୁ ମିଳିଥିଲା ୬ଲକ୍ଷ ୧୨ହଜାର ଟଙ୍କା। ମତ୍ସ୍ୟ ବିଭାଗର ପରାମର୍ଶରେ ସେ ଆଗକୁ ବଢ଼ିଥିଲେ। ପୋଖରୀରେ ସ୍ଥାନୀୟ ଅଞ୍ଚଳରେ ଚାହିଦା ଥିବା ରୋହି, ଭାକୁର, ମିରିକାଳି, ନଦୀ ଚିଙ୍ଗୁଡ଼ି ସମେତ ଅମୂଳକାର୍ପ, ଗ୍ରାସ କାର୍ପ, ରୁପଚାନ୍ଦ, ଟିଲାପିଆ, ପଙ୍ଗାସିୟୁସ, ଚାଇନା ପୁଟି ପ୍ରଜାତିର ମାଛ ବ୍ୟବସାୟିକ ଭିତ୍ତିରେ ଚାଷ ହେଉଛି। ମୟୂରଭଞ୍ଜ ଜିଲାର ଏକ ଘରୋଇ ସଂସ୍ଥା ଏବଂ ଭୁବନେଶ୍ୱରରୁ ଯାଆଁଳା ଆଣୁଛନ୍ତି ଶଶିଭୂଷଣ। ଜିଲାରେ ମତ୍ସ୍ୟଚାଷୀଙ୍କୁ ଜାଆଁଳ ବିକ୍ରି ମଧ୍ୟ କରୁଛନ୍ତି। ସମ୍ପୂର୍ଣ୍ଣ ଅର୍ଗାନିକ୍ ପଦ୍ଧତିରେ ମାଛଚାଷ ହେଉଥିବାବେଳେ ବାଦାମ ପିଡ଼ିଆ, ଶୋରିଷ ପିଡ଼ିଆ ଖାଦ୍ୟ ଭାବେ ବ୍ୟବହାର କରାଯାଉଛି। ଲୋକଙ୍କୁ ସତେଜ ମାଛ ଯୋଗାଇ ଦେବା ଲକ୍ଷ୍ୟରେ ଢେଙ୍କାନାଳ ବନମାଳୀପ୍ରସାଦରେ ସେ ଖୋଲିଛନ୍ତି ମାଛ କାଉଣ୍ଟର। ଭବିଷ୍ୟତରେ ଏକ ପ୍ରୋସେସିଂ ୟୁନିଟ୍ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ବାଦ୍‌ଦେଲେ ମିଶ୍ରକୃଷି ପ୍ରଣାଳୀରେ ପୋଖରୀ ହୁଡ଼ାରେ ବାଇଗଣ, ହରଡ, ସଜନା, ଲଙ୍କା, ଅମୃତଭଣ୍ଡା ସାଙ୍ଗକୁ କଶ୍ମୀର ବେରୀ ଚାଷ ମଧ୍ୟ କରୁଛନ୍ତି। ଖୁବ୍ କମ୍ ଦିନରେ ଆଞ୍ଚଳିକ ଆମିଷ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶଶିଭୂଷଣ କୁହନ୍ତି, କଠିନ ପରିଶ୍ରମ ବଳରେ ଲକ୍ଷ୍ୟ ହାସଲ କରାଯାଇପାରିବ। ବ୍ଲକ ସହକାରୀ ମତ୍ସ୍ୟାଧିକାରୀ ଶରତ କୁମାର ଜେନା କୁହନ୍ତି, ଶଶିଭୂଷଣଙ୍କୁ ମାଛ ଚାଷ ପାଇଁ ୪୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯାଇଛି। ସେ ଅନ୍ୟ ଯୁବଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।


ଶଶିଭୂଷଣଙ୍କ ପୋଖରୀରୁ ମାଛ ଧରାଯାଉଛି।

## ୱାର୍ଡ ସଂରକ୍ଷଣ ଚିଠା ତାଲିକା ପ୍ରକାଶ

**ଢେଙ୍କାନାଳ ଅଫିସ, ୯।୧୧**

ଢେଙ୍କାନାଳରେ ପୌର ନିର୍ବାଚନ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ରାତି ୮ଟାରେ ପୌରସଂସ୍ଥା ପକ୍ଷରୁ ୱାର୍ଡ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ୧ନଂ. ୱାର୍ଡ ଅନୁସୂଚିତ ଜାତି, ୨ନଂ. ଅନୁସୂଚିତ ଜାତି, ୩ନଂ. ପଛୁଆବର୍ଗ, ୪ନଂ. ଅଣସଂରକ୍ଷିତ, ୫ନଂ. ଅଣସଂରକ୍ଷିତ, ୬ନଂ. ପଛୁଆବର୍ଗ, ୭ନଂ. ଅଣସଂରକ୍ଷିତ, ୮ନଂ. ପଛୁଆବର୍ଗ ମହିଳା, ୯ନଂ. ଅଣସଂରକ୍ଷିତ, ୧୦ନଂ. ଅଣସଂରକ୍ଷିତ, ୧୧ନଂ. ଅନୁସୂଚିତ ଜାତି ମହିଳା, ୧୨ନଂ. ଅଣସଂରକ୍ଷିତ ମହିଳା, ୧୩ନଂ. ଅଣସଂରକ୍ଷିତ, ୧୪ନଂ. ଅଣସଂରକ୍ଷିତ ମହିଳା, ୧୫ନଂ. ପଛୁଆବର୍ଗ ମହିଳା, ୧୬ନଂ. ୱାର୍ଡ ପଛୁଆବର୍ଗ, ୧୭ନଂ. ପଛୁଆବର୍ଗ ମହିଳା, ୧୮ନଂ. ଅନସୂଚିତ ଜନଜାତି ମହିଳା, ୧୯ନଂ. ଅନୁସୂଚିତ ଜାତି ମହିଳା, ୨୦ନଂ. ଅଣସଂରକ୍ଷିତ ମହିଳା, ୨୧ନଂ. ଅଣସଂରକ୍ଷିତ ମହିଳା, ୨୨ନଂ. ଅଣସଂରକ୍ଷିତ ମହିଳା ଏବଂ ୨୩ନଂ. ୱାର୍ଡ ଅଣସଂରକ୍ଷିତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ମୋଟ ୨୩ ୱାର୍ଡ ମଧ୍ୟରୁ ୧୨ଟି ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ। ଆସନ୍ତା ୧୮ ତାରିଖ ଯାଏ ଅଭିଯୋଗ ଗ୍ରହଣ କରାଯିବ। ଏହାପରେ ଚୂଡାନ୍ତ ତାଲିକା ପ୍ରକାଶିତ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି।

# ‘ଏନ୍‌ସିସି ଭିତ୍ତିଭୂମି ସୁଦୃଢ଼ କର’

### ଢେଙ୍କାନାଳରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ

**ଢେଙ୍କାନାଳ ଅଫିସ, ୯।୧୧**


ଏନ୍‌ସିସି ବାଟାଲିୟନରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର।

ଢେଙ୍କାନାଳ ଗସ୍ତରେ ଆସିଥିବା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର ମଙ୍ଗଳବାର ସହର ଉପକଣ୍ଠ ମହିଷାପାଟସ୍ଥିତ ୧୨ ଓଡ଼ିଶା ଏନ୍‌ସିସି ବାଟାଲିଆନ ପରିଦର୍ଶନ କରିଛନ୍ତି। ଶିକ୍ଷାନୁଷ୍ଠାନରେ ଏନ୍‌ସିସି ଭିତ୍ତିଭୂମିର ବିକାଶ କରିବା, ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ସାମିଲ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ବିଭିନ୍ନ ସରକାରୀ ସଂସ୍ଥାରେ କ୍ରୀଡାବିତ୍‌ଙ୍କ ଭଳି ଏନ୍‌ସିସି ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବା ଲାଗି ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସଚିବ ପ୍ରଶିକ୍ଷାର୍ଥୀ, ତାଲିମ କେନ୍ଦ୍ର ମୁଖ୍ୟ, କମାଣ୍ଡିଂ ଅଫିସରଙ୍କ ସହ ଆଗାମୀ ଦିନର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

ବାଟାଲିଆନ ଗ୍ରୁପ୍ କମାଣ୍ଡର ହିମାଂଶୁ ପୃଷ୍ଟି ୨୦୨୦-୨୧ ବର୍ଷରେ ୨୫ ଜାତୀୟ ଏବଂ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ୧ଲକ୍ଷ ୬ହଜାର ୯୧୯ ଏନ୍‌ସିସି କ୍ୟାଡେଟ୍ ଭାଗ ନେଇଥିବା ସୂଚନା ଦେଇଥିଲେ। ଢେଙ୍କାନାଳ କଲେଜ ଏବଂ ଆଠଗଡ଼ କଲେଜର କ୍ୟାଡେଟ୍‌ମାନେ ବନ୍ଧୁକ ଚାଳନା ସହିତ ଶାରୀରିକ କଳାକୌଶଳ ପ୍ରଦର୍ଶନ କରିଥିଲେ। ଢେଙ୍କାନାଳ ବାଟାଲିୟନରେ ୨୫ ମିଟର ରେଞ୍ଜ୍ ରହିଥିବା ବେଳେ ଏହାକୁ ୫୦ ମିଟରକୁ ବୃଦ୍ଧି କରିବା, ଏକ ଡ୍ରିଲ୍ କ୍ଷେତ୍ର ନିର୍ମାଣ କରିବାକୁ କ୍ୟାଡେଟ୍‌ମାନେ ଦାବି ଉପସ୍ଥାପନ କରିଥିଲେ। ମହିଷାପାଟ ଶ୍ମଶାନରୁ ଆସୁଥିବା ଧୂଆଁ ଅଭ୍ୟାସରେ ବ୍ୟାଘାତ ସୃଷ୍ଟି କରୁଛି। ଏହାର ପ୍ରତିକାର କରିବାକୁ ସେମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ୩ବର୍ଷ ପ୍ରଶିକ୍ଷଣ ଏବଂ ଅଭ୍ୟାସ ପରେ ମଧ୍ୟ ଶିକ୍ଷାର୍ଥୀଙ୍କୁ ନିଯୁକ୍ତି ମିଳୁନାହିଁ। କ୍ରୀଡାବିତ୍‌ଙ୍କ ଭଳି ଏନ୍‌ସିସି ଶିକ୍ଷାର୍ଥୀଙ୍କୁ ବିଭିନ୍ନ ସରକାରୀ କ୍ଷେତ୍ରରେ ନିଯୁକ୍ତି ଏବଂ ପ୍ରତିଯୋଗିତାମୂଳକ କାର୍ଯ୍ୟରେ ସୁଯୋଗ ଦେବାକୁ ଦାବି କରାଯାଇଥିଲା। ଓଡ଼ିଶା ଏନ୍‌ସିସି ମୁଖ୍ୟ ମେଜର ସୋମେନ ବାନାର୍ଜୀ, ଢେଙ୍କାନାଳ ବାଟାଲିଅନ ମୁଖ୍ୟ କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସିଦ୍ଧାର୍ଥ ଭାଟସିଆନ, କ୍ୟାପଟେନ୍ ନିସାର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ବହିଷ୍କାର ଦାବି

**ଢେଙ୍କାନାଳ ଅଫିସ, ୯।୧୧**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ମଙ୍ଗଳବାର ଢେଙ୍କାନାଳ ସୁରକ୍ଷା ସମିତି ପକ୍ଷରୁ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାମଲାର ଠିକ୍ ତଦନ୍ତ, ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦବୀରୁ ମନ୍ତ୍ରୀଙ୍କୁ ହଟାଇବା, ସଦର ତହସିଲରେ ଜାଲିଆତି କରି ଜଳାଶୟ ଜମି କିସମ ପରିବର୍ତ୍ତନ ଘଟଣାରେ ତତ୍କାଳୀନ ଉପଜିଲାପାଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସୁରକ୍ଷା ସମିତିର ସଦସ୍ୟ ଜିଲା ପ୍ରଶାସନ ବିରୋଧରେ ସ୍ଲୋଗାନ୍ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସମିତିର ଆବାହକ ପ୍ରିୟବ୍ରତ ଗଡ଼ନାୟକଙ୍କ ନେତୃତ୍ୱରେ ସୂଚନା ଅଧିକାର କର୍ମୀ ବିକାଶ ନାୟକ, ଉତ୍ତମ ମହାନ୍ତି, ସୁବାସ ପ୍ରଧାନ, ରଞ୍ଜନ ବେହେରା, ରଣଜିତ ବିଶ୍ୱାଳ, ରଞ୍ଜନ ପ୍ରଧାନ, ରାଜେଶ ବେହେରା, ଶାନ୍ତନୁ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ଉପରେ ପଦକ୍ଷେପ ନ ନେଲେ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।



ଢେଙ୍କାନାଳ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଦରବୃଦ୍ଧିର ପ୍ରତିବାଦ

**ଢେଙ୍କାନାଳ ଅଫିସ, ୯।୧୧**

ଇନ୍ଧନ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଢେଙ୍କାନାଳ ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ଦଳୀୟ ଜିଲା କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ତମ୍ଭ, ମହାତ୍ମା ଗାନ୍ଧୀ ଏବଂ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ପରିବାରକୁ ୨୦୦ ୟୁନିଟ୍ ଯାଏ ନିଃଶୁଳ୍କ ବିଦ୍ୟୁତ୍ ଯୋଗାଣ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଜାରି ରଖିବା, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ କରି କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ସାର ଅଭାବ ଦୂର କରିବା, ସ୍ୱତନ୍ତ୍ର ସେଲ୍ ଗଠନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ ଶ୍ରମିକଙ୍କୁ କାମ ଓ ମଜୁରି ପ୍ରଦାନ ଆଦି ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରମେଶ ପଣ୍ଡା, ପର୍ଶୁରାମ ମହାଭୋଇ, ରାଜୀବ କର, ଲକ୍ଷ୍ମଣ ନାୟକ, ସନାତନ ନାୟକ, ହେମନ୍ତ ଧଳ, ଲଳିତ ମୋହନ ବେହେରା, ବିନୟ ସାହୁ, ଉମ୍ବରୁଧର ନାୟକ, ବିନି ଦେହୁରୀ, ଦେବାନନ୍ଦ ହୋତା, ମାଳତୀ ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ନିଯୁକ୍ତି ପରାମର୍ଶ ମେଳାରେ ଉପସ୍ଥିତ ଅତିଥି ଏବଂ ନିଯୁକ୍ତିଦାତାମାନେ।

# ନିଯୁକ୍ତି ପରାମର୍ଶ ମେଳା: ୨୬୪ ପଞ୍ଜୀକୃତ

**ଢେଙ୍କାନାଳ ଅଫିସ, ୯।୧୧**

ଢେଙ୍କାନାଳ ଜିଲା ଦକ୍ଷତା ବିକାଶ କମିଟି ଏବଂ ସଦର ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ମଙ୍ଗଳବାର ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୨୬୪ ଆଶାୟୀ ନାମ ପଞ୍ଜୀକରଣ କରିଛନ୍ତି। ୨୪୬ଜଣଙ୍କୁ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯାଇଛି। ଜନ ଶିକ୍ଷଣ ସଂସ୍ଥାନ, ଗ୍ରାମ ତରଙ୍ଗ, ସିପେଟ୍, କୁଇଭାନ, ଆଇ-ମିତ୍ର, ଶିବାନୀ ଏଜୁକେସନାଲ ପ୍ରଭୃତି ୧୫ ଏଜେନ୍ସି ମେଳାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓରମାସ ଡେପୁଟି ସିଇଓ ନିରୋଜ ଜେନା, ପ୍ରଗତି ସହାୟକ ଲିଆକତ ଅଲ୍ଲୀ ଖାଁ, ପଞ୍ଚାୟତ ଅଧିକାରୀ ଅନିତା ଦାସ, ଜିଲା ନିୟୋଜନ ଅଧିକାରୀ ଆଶିଷ ବସନ୍ତିଆ, ଆଦର୍ଶବୃତ୍ତି ପରାମର୍ଶ କେନ୍ଦ୍ରର ସଙ୍ଗୀତା ଦାସ, ଶିବାଙ୍ଗୀ ମହାନ୍ତି, ଋତୁପର୍ଣ୍ଣା ଦାସ, ପଲ୍ଲବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପାନୀ କର୍ମଚାରୀଙ୍କୁ ମିଳିବ ୧୧ ମାସର ବକେୟା ଦରମା

**ଢେଙ୍କାନାଳ ଅଫିସ, ୯।୧୧**

- ■ଲାନ୍‌କୋ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମାମଲା
- ■ତ୍ରିପାକ୍ଷିକ ବୈଠକରୁ ଫିଟିଲା ସମାଧାନ ବାଟ
- ■ରାଜ୍ୟ ସରକାରଙ୍କୁ ୨.୮୬ କୋଟି ଦେବାକୁ ସହମତି

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରୁ ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦ କୁରୁଣ୍ଟିସ୍ଥିତ ଲାନ୍‌କୋ ବାବନ୍ଧ ପାୱାର ପ୍ଲାଣ୍ଟ କ୍ଷତିଗ୍ରସ୍ତଙ୍କ ଦାବି ପୂରଣ ପାଇଁ ବାଟ ଫିଟିଛି। କମ୍ପାନୀ କର୍ମଚାରୀଙ୍କ ୧୧ମାସର ବକେୟା ଟଙ୍କା ପ୍ରଦାନ କରିବା ଲାଗି ସହମତି ପ୍ରକାଶ କରିଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଏଥିସହ କମ୍ପାନୀରେ କାର୍ଯ୍ୟ କରିଥିବା ଠିକାସଂସ୍ଥା ଏବଂ ସପ୍ଲାୟର୍ସଙ୍କ ୪୦% ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି କମ୍ପାନୀ ଉପରେ ଥିବା ରାଜ୍ୟ ସରକାରଙ୍କ ୨.୮୬ କୋଟି ଟଙ୍କା ପ୍ରଦାନ କରିବା ପାଇଁ ସମ୍ମତି ପ୍ରଦାନ କରାଯାଇଛି। ଏହାପରେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ଙ୍କ ନିର୍ଦ୍ଦେଶକ୍ରମେ ସ୍କ୍ରାପ୍ ନେବା ପାଇଁ କମ୍ପାନୀକୁ ଅନୁମତି ମିଳିଛି। ବୈଠକରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣି, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଓଡ଼ାପଡ଼ା ବିଡିଓ ଦାଶରଥୀ ଜେନା, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ଉପସଭାପତି ନରେନ୍ଦ୍ର କୁମାର ସାହୁ, ସମ୍ପାଦକ ବିଜୟ କୁମାର ଧଳ, ବିନୋଦ କୁମାର ସାହୁ, ଅଖିଳ ମହାପାତ୍ର, ନିବାରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳରେ ପଡ଼ିଲା ପ୍ରଶାସନ ପାଦ

**ଢେଙ୍କାନାଳ ଅଫିସ, ୯।୧୧**


ଗ୍ରାମବାସୀଙ୍କ ସହିତ ବିଡିଓ ଆଶିଷ ରଞ୍ଜନ ସାହୁ ଆଲୋଚନା କରୁଛନ୍ତି।

- ■ଧାଡ଼ିକିଆ, ଧାନଘରଖୋଲ ଗ୍ରାମବାସୀଙ୍କ ସମସ୍ୟା ବୁଝିଲେ ବିଡିଓ
- ■ବିକାଶମୂଳକ ଯୋଜନା, ଆବାସ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି

ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଦୁର୍ଗମ ଅଞ୍ଚଳବାସୀଙ୍କ ପାଖରେ ପହଞ୍ଚି ପାରିନି ସର୍ବନିମ୍ନ ମୌଳିକ ସୁବିଧା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧାଠୁ ଦୂରରେ ରହି ବନବାସୀମାନେ ଦହଗଞ୍ଜ ହେଉଛନ୍ତି। କୌଣସି ଉପାନ୍ତ ନୁହେଁ, ଶିଳ୍ପ ଜିଲା ଢେଙ୍କାନାଳରେ ରହିଛି ଏଭଳି ୪୮ ଅପହଞ୍ଚ ଅଞ୍ଚଳ। ନିକଟରେ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଏଥିଲାଗି ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜଣେ ଲେଖାଏ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତଦନୁଯାୟୀ ମଙ୍ଗଳବାର ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ ଆର୍‌ଆଇ ସୁଶାନ୍ତ ବେହେରାଙ୍କ ସହିତ ଚାଲିଚାଲି ନିହଲପ୍ରସାଦ ପଞ୍ଚାୟତର ଦୁର୍ଗମ ଧାନଘରଖୋଲ ଏବଂ ଧାଡ଼ିକିଆରେ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଉଭୟ ଗ୍ରାମରେ ସବୁଦିନିଆ ରାସ୍ତା ନିର୍ମାଣ, ଆବାସ ଯୋଜନା, ଗୁଣ୍ଡିକିଆ ପଟା ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଡିଓ ଆଶ୍ୱାସନା ଦେଇଛନ୍ତି।

ସୂଚନାଯୋଗ୍ୟ, ପାହାଡ଼ ପାଦଦେଶରେ ଥିବା ଉକ୍ତ ଦୁଇ ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସବୁଦିନିଆ ରାସ୍ତା ନାହିଁ। ବର୍ଷାଦିନେ ପାହାଡ଼ରୁ ପାଣି ଆସି ପାଦଚଲା ରାସ୍ତା ବୁଡ଼ିଯାଉଛି। ଅନେକ ପରିବାର ଆବାସ ଯୋଜନାରେ ସାମିଲ ହୋଇପାରିନାହାନ୍ତି। ବିଦ୍ୟୁତ୍ ସୁବିଧା ମଧ୍ୟ ନାହିଁ। ନିହଲପ୍ରସାଦଠାରୁ ମାତ୍ର ୨କିମି ଦୂରରେ ଥିବା ସତ୍ତ୍ୱେ ଭୌଗୋଳିକ ସ୍ଥିତି ପାଇଁ ଏହା ଅପହଞ୍ଚ ହୋଇ ରହିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି।

## ଆଇନ ଜାଣିଲେ ସଶକ୍ତ ହେବେ ମହିଳା



**ଢେଙ୍କାନାଳ ଅଫିସ, ୯।୧୧**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ଦୁଇଦିନିଆ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ଜାଣିଲେ ମହିଳାମାନେ ହିଂସାର ପ୍ରତିରୋଧ କରିପାରିବେ। ଏହା ତାଙ୍କୁ ସଶକ୍ତ କରାଇବ ବୋଲି ମତପ୍ରକାଶ ପାଇଥିଲା। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଅମୀୟ ସାହୁ, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା, ମାନସୀ ମହାପାତ୍ର, ସୁଜିତ ସାହୁ ମହିଳାଙ୍କ ଅଧିକାର, ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ଆଇନ ସମ୍ପର୍କରେ ବୁଝାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସମାଜ ସୁରକ୍ଷା ଅଧିକାରୀ ପ୍ରତିମା ଦାସ, କବିତା ବେହେରା, ବଶିଷ୍ଟ ବରାଳ, ଅନୁପ ନାୟକଙ୍କ ସମେତ ସଦର ଅଙ୍ଗନୱାଡି କର୍ମୀ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

